**SET – A**

Total No. of printed pages : 15    Roll No. [ ]

**602 R / 602 E**

**Regular / Ex-Regular**

**M.I.L. (O)**

**(Science)**

**(For students registered up to 2020)**

# 2022 (A)

# SCIENCE

# MODERN INDIAN LANGUAGE

## (ODIA)

*Full Marks – 100*

*Time : 3 Hours*

*Answer **all** questions.*

ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

*The figures in the right-hand margin indicate marks*

ଡାହାଣ ପାର୍ଶ୍ୱ ମାର୍ଜିନରେ ଥିବା ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚିତ କରେ ।

*Candidates are required to give their answers in their own words as far as practicable.*

ପରୀକ୍ଷାର୍ଥୀମାନେ ଯଥାସମ୍ଭବ ନିଜ ଭାଷାରେ ପ୍ରଶ୍ନର ଉତ୍ତର ଲେଖିବା ଆବଶ୍ୟକ ।

**P.T.O.**

https://www.odishaboard.com

୧। ପ୍ରତି ପ୍ରଶ୍ନ ସହିତ ଚାରିଗୋଟି ଲେଖାଏଁ ସମ୍ଭାବ୍ୟ ଉତ୍ତର ସଂଯୋଜିତ। ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୨୫=୨୫

(i) ବାରିବାହର ସ୍ପର୍ଶରେ କିଏ ଅଚିରେ ସଜୀବ ଓ ଶ୍ୟାମଳ ହୋଇଉଠିବ ବୋଲି କୁହାଯାଇଛି ?

(କ) ମଧୁପୁର (ଖ) ଅଳକାପୁର

(ଗ) ପୁଷ୍ପପୁର (ଘ) ଦନ୍ତପୁର

(ii) ଏହି ଭ୍ରାମ୍ୟମାଣ ଉଦାସୀନା ଧରଣୀ ବ୍ୟକ୍ତି ବିଶେଷର କେଉଁଥିରେ ବିଚଳିତ ହୁଏ ନାହିଁ?

(କ) ଭଲମନ୍ଦ (ଖ) ହସକାନ୍ଦ

(ଗ) ହସଖୁସି (ଘ) ଲାଭକ୍ଷତି

(iii) କାହାର ପରିମଳରେ ବନଭୂମି ଆମୋଦିତ ହେବ ବୋଲି କୁହାଯାଇଛି ?

(କ) ବନ୍ୟଯୂଥିର (ଖ) ବନ୍ୟ ଝରଣାର

(ଗ) ବନ୍ୟ ସୁଷମାର (ଘ) ବନ୍ୟ ହରିଣୀର

(iv) ଦୂରରୁ କ'ଣ ଦେଖି ଉତ୍କଳର ଉତ୍ତମାଙ୍ଗ କଟକକୁ ଜାଣିବୁ ବୋଲି ବାରିବାହକୁ କୁହାଯାଇଛି?

(କ) ବଂଶବନ (ଖ) ସୌଧାବଳୀ

(ଗ) ଅଖଣ୍ଡ ଦୀପ (ଘ) କୀର୍ତ୍ତିରାଜି

(v) କାହାକୁ ସ୍ମୃତିଶ୍ମଶାନ ବୋଲି କୁହାଯାଇଛି ?

(କ) ଲିଙ୍ଗରାଜ ମନ୍ଦିର (ଖ) ବଡ଼ ଦେଉଳ

(ଗ) କୋଣାର୍କ (ଘ) ବାରବାଟୀ



https://www.odishaboard.com

(vi) ଭାରତକୁ କାହାର ପୀଠସ୍ଥଳୀ ବୋଲି କୁହାଯାଇଛି ?

(କ) ଭେଦଭାବର
(ଖ) ସର୍ବ ଧର୍ମ ସମନ୍ୱୟର
(ଗ) ସଂହିତ ବୋଧର
(ଘ) ଛୁଆଁ ଅଛୁଆଁର

(vii) ଭଲମନ୍ଦ ଚିହ୍ନିବାରେ ଯୋଗ୍ୟତା ଯେଉଁଠି ନାହିଁ ସେଠାରେ ମୁଖ୍ୟତଃ କାହାର ଜୟ ହୁଏ ?

(କ) ଅଧିକାରର
(ଖ) ପ୍ରୋପାଗାଣ୍ଡାର
(ଗ) ମାନସିକତାର
(ଘ) ସଙ୍କୋଚପଣିଆର

(viii) କାହାକୁ ଦେଖି ବ୍ରାହ୍ମଣ ଗୋସାଇଁଙ୍କ ଆଖି ତାଳୁକୁ ଖୋସି ହୋଇଗଲା ?

(କ) ପାଣ୍ଡୁକୁ
(ଖ) ରାଧୁକୁ
(ଗ) ଅଗାଧୁକୁ
(ଘ) ମାଙ୍କଡ଼କୁ

(ix) ମଝିରେ ମଝିରେ ଚଢ଼େଇର ଥଣ୍ଟ ଓ କାହାର ବେଣ୍ଟ ଶୁଣାଯାଉଥିଲା ବୋଲି ବର୍ଣ୍ଣନା କରାଯାଇଛି ?

(କ) କୋଦାଳର
(ଖ) କଟୁରିର
(ଗ) କୁରହାଡ଼ିର
(ଘ) ତଲୱାରର

(x) ମସ୍ତବଡ଼ ଠେଙ୍ଗାଟିଏ ଧରି ବୁଦା ଉହାଡ଼ର ରାସ୍ତା ଉପରକୁ ଉଠିଥିବା ଲୋକକୁ ଦେଖି ପୁରୋହିତଙ୍କର କ'ଣ ହେଲା ?

(କ) ଦେହରୁ ଝାଳ ବୋହିଲା
(ଖ) ମୁଣ୍ଡ ଝମ୍‌ଝମ୍ ହେଲା
(ଗ) ଆଖି ଖୋସି ହୋଇଗଲା
(ଘ) ଛାତିରେ ପବନ ଅଟକି ଗଲା

(xi) ପଡ଼ିଆ ଭୂଇଁରେ ଫସଲ ବୁଣିଲେ କ'ଣ ହୁଏ ?

(କ) ଗଜା ହୁଏ ନାହିଁ (ଖ) ପବନରେ ଉଡ଼ିଯାଏ

(ଗ) ଗୋରୁ ଚରିଯା'ନ୍ତି (ଘ) ଭଲ ଫଳ ଧରେ

(xii) କେଉଁଠି ସବୁକଥା ଶାସକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ବୋଲି କୁହାଯାଇଛି ?

(କ) ଭାରତରେ (ଖ) ଆମେରିକାରେ

(ଗ) ବିଲାତରେ (ଘ) ଋଷରେ

(xiii) ଏବେ ପ୍ରାଥମିକ ପରୀକ୍ଷା ପାଇଁ ମଧ୍ୟ କେଉଁ ବହି ସବୁଠୁ ବେଶୀ କଟୁଛି ବୋଲି ବର୍ଣ୍ଣିତ ?

(କ) ନୋଟବହି (ଖ) ପ୍ରଶ୍ନୋତ୍ତର ବହି

(ଗ) ଛବିବହି (ଘ) ପାଠବହି

(xiv) ଶିକ୍ଷାକୁ ଆମେ କେଉଁ ସ୍ଥାନ ଦେଲେ ଅବସ୍ଥାର ପରିବର୍ତ୍ତନ ହେବ ବୋଲି ପ୍ରାବଂଧିକ କହିଛନ୍ତି ?

(କ) ଶେଷ (ଖ) ଗୁରୁତ୍ୱପୂର୍ଣ୍ଣ

(ଗ) ଶୀର୍ଷ (ଘ) ମଝି

(xv) ପୂର୍ବପୁରୁଷର କ'ଣ ବିକି ଭାଙ୍ଗି କେତେ କାଳ ଖାଉଥିବ ବୋଲି ପ୍ରଶ୍ନ କରାଯାଇଛି ?

(କ) ଅସରନ୍ତି କୀର୍ତ୍ତି (ଖ) ପ୍ରଚଣ୍ଡ ବୀରତ୍ୱ

(ଗ) ବିଶାଳ ପ୍ରତିଷ୍ଠା (ଘ) ଅପରିମିତ ଶୌର୍ଯ୍ୟ



https://www.odishaboard.com

(xvi) ତୁମର ଉଦାର ପିତୃଗଣ ରାଜ୍ୟକୁ କିପରି ମଣୁଥିଲେ ?

(କ) ଏକ ଘର (ଖ) ଏକ ସାହି

(ଗ) ଏକ ପ୍ରତିବେଶୀ (ଘ) ଏକ ପରିବାର

(xvii) କିଏ ଖଳ, ଖଣ୍ଡ ଓ କାନକୁହା ହୋଇଛନ୍ତି ବୋଲି ବର୍ଣ୍ଣିତ ?

(କ) ମନ୍ତ୍ରୀ (ଖ) ସେନାପତି

(ଗ) ବିଦୂଷକ (ଘ) ପାରିଷଦ

(xviii) ଧନର ସାଫଲ୍ୟ କିପରି ଥାଏ ?

(କ) ବ୍ୟୟରେ (ଖ) ସୁବ୍ୟୟରେ

(ଗ) ଭୋଗରେ (ଘ) ସଂଚୟରେ

(xix) ଲୋଭ ମଦ ତେଜି କେଉଁ ଗୁଣ ଭଜିବା ପାଇଁ କୁହାଯାଇଛି ?

(କ) ଭ୍ରାତୃ (ଖ) ରଜ

(ଗ) ତମ (ଘ) ସତ୍ତ୍ୱ

(xx) ମହାରାଜ କେଉଁଥିରେ ଦୀକ୍ଷିତ ହୋଇଛନ୍ତି ବୋଲି ବର୍ଣ୍ଣିତ ?

(କ) ମହାବ୍ରତ (ଖ) ମହାଯଜ୍ଞ

(ଗ) ମହାଦୀକ୍ଷା (ଘ) ମହାତ୍ୟାଗ

(xxi) କାହାକୁ ରାମଚନ୍ଦ୍ରଙ୍କ କିଛି ଅଦେୟ ନଥାଏ ବୋଲି କୁହାଯାଇଛି?

(କ) ତାପସଙ୍କୁ (ଖ) ତପସ୍ୱିନୀଙ୍କୁ

(ଗ) ପ୍ରଜାଙ୍କୁ (ଘ) ମୁନିମାନଙ୍କୁ



https://www.odishaboard.com

(xxii) ଦୁଃଖିନୀର ପୁତ୍ର ଯୁଗ କିପରି ବୋଲି ବର୍ଣ୍ଣନା କରାଯାଇଛି ?

(କ) ଅବୋଧ (ଖ) ଅକ୍ଷମ

(ଗ) ସାହସୀ (ଘ) ଅଧମ

(xxiii) କାହାର ପ୍ରଣୟକୁ ସ୍ୱପ୍ନ ମନେକରିବାକୁ ଅନୁରୋଧ କରାଯାଇଛି?

(କ) ନବ ପ୍ରଣୟିନୀର (ଖ) ନୂତନ ଅଙ୍କଲାଗିଙ୍କର

(ଗ) ନବ ବାମାଙ୍କର (ଘ) ବୈଦେହୀର

(xxiv) ଭଙ୍ଗା ମାଠିଆରୁ ପାଣି ବୋହିଯିବା ପରି ମଣିଷ ଜୀବନରୁ କ'ଣ ସରିଯାଏ ?

(କ) ଧନ (ଖ) ଯୌବନ

(ଗ) ଆୟୁ (ଘ) ବଳ

(xxv) ଦୂରବାର୍ତ୍ତା ଜାଣି ହସୁଥିବା ବ୍ୟକ୍ତିର ପଛରେ କିଏ ଆସି ଲୁଚିବସି ହସିଥାଏ ?

(କ) ନୀତି (ଖ) କାଳ

(ଗ) ଭୟ (ଘ) ଅସହାୟତା

୨। ପ୍ରତି ପ୍ରଶ୍ନ ସହିତ ଚାରିଗୋଟି ସାମ୍ଭାବ୍ୟ ଉତ୍ତର ସଂଯୋଜିତ ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛ : ୧×୨୫=୨୫

(i) କେଉଁ ଜ୍ଞାନ ଧରି ଜାଗ୍ରତ ହେବା ପାଇଁ ନରବ୍ରହ୍ମକୁ ଆହ୍ୱାନ ଦିଆଯାଇଛି ?

(କ) ଲୌକିକ (ଖ) ଅଲୌକିକ

(ଗ) ଆଧ୍ୟାତ୍ମିକ (ଘ) ଭୌତିକ


https://www.odishaboard.com

(ii) ଯୁଗ ଯୁଗ ଧରି ମାନବ ଆତ୍ମାକୁ କ'ଣ ପୀଡ଼ା ଦେଇଥିଲା ?

(କ) ଶୋଷଣ (ଖ) ଅତ୍ୟାଚାର

(ଗ) ପେଷଣ (ଘ) ପୀଡ଼ନ

(iii) ଶତାବ୍ଦୀର ସିଂହଦ୍ୱାରୁ ଆସିଥିବା ଦୂତ କାହାର ବର ଆଣି ଅଛି?

(କ) ରୁଦ୍ର ଭୈରବର (ଖ) ମହାଧର୍ମର

(ଗ) ଦେବତାର (ଘ) ଜ୍ଞାନ ରଶ୍ମିର

(iv) କଲିକତା ଆମଦାନି ମାଲ ମଧ୍ୟରେ କ'ଣ ପ୍ରଧାନ ଥିଲା ?

(କ) ଖୋଟ (ଖ) ରବିଫସଲ

(ଗ) ଖରିଫ ଧାନ (ଘ) ଧୂଆଁପତ୍ର

(v) କେଉଁ ଲୋକେ ଧୂଆଁପତ୍ର ଗଛ କେବେ ଦେଖିନାହାନ୍ତି ବୋଲି କୁହାଯାଇଛି ?

(କ) କଲିକତୀ (ଖ) କଟକୀ

(ଗ) ବଡ଼ବଜାରୀ (ଘ) ବାଲେଶ୍ୱରୀ

(vi) ସିନ୍ଦୁକରେ କେତେ ଟଙ୍କାର ଥଳି ନ ଥିବାର ଦେଖାଯାଇଥିଲା ?

(କ) ତିନିଶହ ଟଙ୍କାର (ଖ) ଚାରିଶହ ଟଙ୍କାର

(ଗ) ପାଞ୍ଚଶହ ଟଙ୍କାର (ଘ) ସାତଶହ ଟଙ୍କାର

(vii) କେଉଁ ବନ୍ଧା ହୁକ୍କାରେ ବାବୁ ଗୁଡ଼ାଖୁ ପିଇଥା'ନ୍ତି?

(କ) ସୁନାବନ୍ଧା (ଖ) ରୁପାବନ୍ଧା

(ଗ) ପିତଳବନ୍ଧା (ଘ) ତମ୍ବାବନ୍ଧା

P.T.O.



https://www.odishaboard.com

(viii) ତାଲୁକ ମଧ୍ୟରେ କେଉଁ ଗ୍ରାମଟି ସବୁଠାରୁ ବଡ଼ ଥିଲା ?

(କ) ହରିପୁର (ଖ) ରାମପୁର

(ଗ) ଚାନ୍ଦିପୁର (ଘ) ଶାମପୁର

(ix) ଶଙ୍ଖ, ଘଣ୍ଟ, ହୁଳହୁଳି ଓ ତୋପ ପ୍ରଭୃତିର ମିଳିତ ଐକ୍ୟତାନରେ ରାୟବାହାଦୁରଙ୍କର କ'ଣ ଭାଙ୍ଗିଗଲା ?

(କ) ଛାଇନିଦ (ଖ) ଧ୍ୟାନ

(ଗ) ମୋହ (ଘ) ସ୍ୱପ୍ନ

(x) ଭେଲଭେଟ୍ ବାକ୍ସରେ ଅତି ଯତ୍ନରେ କାହାର ଫଟୋଟି ଥିଲା ?

(କ) ହେମମାଳିନୀ (ଖ) ଅରୁଣ

(ଗ) ବିଜୟ (ଘ) ଅପର୍ଣ୍ଣା

(xi) ଭାରତର ପବିତ୍ରତମ ଦାବି ଭାବରେ କାହାକୁ କୁହାଯାଇଛି ?

(କ) ସ୍ୱାବଲମ୍ବନଶୀଳତା (ଖ) ଅଖଣ୍ଡତା

(ଗ) ସ୍ୱାଧୀନତା (ଘ) ଭେଦଭାବ ଶୂନ୍ୟତା

(xii) ପୁତ୍ରହତ୍ୟା କର୍ତ୍ତବ୍ୟ ସାଧନ, ଏହା ନିର୍ମମ ହୋଇପାରେ, ମାତ୍ର କ'ଣ ନୁହେଁ ବୋଲି ସୋମନାଥ ଭାବୁଥିଲେ ?

(କ) ଅନୁଚିତ (ଖ) ଅନାବଶ୍ୟକ

(ଗ) ଅପାଙ୍କ୍ତେୟ (ଘ) ଅନ୍ୟାୟ

(xiii) ସୋମନାଥ ସତର୍କ ପ୍ରହରୀ ପରି ସାରା ରାତି କାହା ପାଖରେ ଚେଇଁ ବସିଥିଲେ ?

(କ) ୟୁନିଅନ୍ ଜାକ୍ ପାଖରେ

(ଖ) ତ୍ରିରଙ୍ଗା ପାଖରେ

(ଗ) ହେମମାଳିନୀଙ୍କ ପାଖରେ

(ଘ) ଅରୁଣର ଫଟୋ ପାଖରେ



https://www.odishaboard.com

(xiv) ଦିଗନ୍ତ ପ୍ରତି ଦୃଷ୍ଟି ପ୍ରସାରିତ କରି କମ୍ବୁଗ୍ରୀବ କ'ଣ ଛାଡୁଥିଲା ?

(କ) ଉଚ୍ଚାଭିଳାଷ (ଖ) ଦୀର୍ଘନିଃଶ୍ୱାସ

(ଗ) ଆଶା (ଘ) ମୃଦୁହାସ

(xv) ''ହଂସମାନେ ଯୁଗେ ଯୁଗେ ବିଶ୍ୱାସଘାତକ''—ଏକଥା କିଏ କହିଥିଲା ?

(କ) କାଉ (ଖ) ବତାସୀ

(ଗ) ଘରଚଟିଆ (ଘ) ବକ

(xvi) ଉଡ଼ନ୍ତ କଚ୍ଛପକୁ ଦେଖି ରାଜା କ'ଣ କହିଥିଲେ ?

(କ) ଆହା (ଖ) ଚମତ୍କାର

(ଗ) ବିଚିତ୍ର (ଘ) ଅଦ୍ଭୁତ

(xvii) କେଉଁ ରୋଗରୁ ମୁକ୍ତ ହେବାପାଇଁ ସେନାପତି ଫାଳେ କଚ୍ଛପ ମାଂସ ଖାଇବାକୁ ପ୍ରସ୍ତୁତ ହୋଇଥିଲେ ?

(କ) ଗଣ୍ଠିବାତ (ଖ) ଉଦରପୀଡ଼ା

(ଗ) ଶ୍ୱାସ (ଘ) ଉଚ୍ଚ ରକ୍ତଚାପ

(xviii) 'ଗୋଠ ଖଣ୍ଡିଆ' ରୂଢ଼ିର ଅର୍ଥ କ'ଣ ?

(କ) ବୁଦ୍ଧିହୀନ (ଖ) ଲଗାମଛଡ଼ା

(ଗ) ଦଳରୁ ଅଲଗା (ଘ) ଅତ୍ୟନ୍ତ ପ୍ରିୟ

(xix) ଆଖି ପକାଇବା କହିଲେ କ'ଣ ବୁଝ ?

(କ) ସମ୍ମୋହିତ ହେବା (ଖ) ଲୋଭ କରିବା

(ଗ) ଶାସନ କରିବା (ଘ) ଆଶ୍ଚର୍ଯ୍ୟ ହେବା


https://www.odishaboard.com

(xx) 'ଖିଅ କାଢ଼ିବା' ରୂଢ଼ିର ଅର୍ଥ ଲେଖ ।

(କ) ଦୋଷ ବାଛିବା (ଖ) ଗୁଣଗାନ କରିବା

(ଗ) ନିନ୍ଦା କରିବା (ଘ) ବୃଥା ପରିଶ୍ରମ କରିବା

(xxi) ଭେଳାବୁଡ଼ିବା କହିଲେ କାହାକୁ ବୁଝିବା ?

(କ) ଔଦ୍ଧତ୍ୟ ଛଡ଼ାଇବା (ଖ) ଟାଣପଣ ଭାଙ୍ଗିବା

(ଗ) ବ୍ୟର୍ଥ ହେବା (ଘ) ସର୍ବନାଶ ହେବା

(xxii) ବିବେକୀର ବିପରୀତାର୍ଥ ବୋଧକ ଶବ୍ଦ କ'ଣ ?

(କ) ଅବିବେକ (ଖ) ଅବିବେକୀ

(ଗ) ବିବେକହୀନ (ଘ) ବିବେକୀହୀନ

(xxiii) 'କଞ୍ଚା'ର ବିପରୀତାର୍ଥ ବୋଧକ ଶବ୍ଦ ଲେଖ ।

(କ) ଓଦା (ଖ) ପାକଲ

(ଗ) ପାଚିଲା (ଘ) ଶୁଖିଲା

(xxiv) ଆନନ୍ଦର ବିପରୀତାର୍ଥ ବୋଧକ ଶବ୍ଦ ଲେଖ ।

(କ) ଦୁଃଖ (ଖ) ଅନାନନ୍ଦ

(ଗ) ଆନନ୍ଦହୀନ (ଘ) ନିରାନନ୍ଦ

(xxv) ବ୍ରାହ୍ମଣର ବିପରୀତାର୍ଥ ବୋଧକ ଶବ୍ଦ କ'ଣ ?

(କ) ଶୁଦ୍ର (ଖ) କରଣ

(ଗ) ଅବ୍ରାହ୍ମଣ (ଘ) ଅସ୍ପୃଶ୍ୟ



https://www.odishaboard.com

୩। ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ପ୍ରତ୍ୟେକ ବିଭାଗରୁ ଅନ୍ୟୂନ ତିନିଗୋଟି ଲେଖାଏଁ ସମୁଦାୟ ଦଶଟି ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦିଅ :

୨ × ୧୦ = ୨୦

### 'କ' – ବିଭାଗ

(i) ପୁଷ୍ପପୁରରେ ସ୍ୱକର୍ମ ସାରି ଉତ୍କଳ ପଥରେ ଗତି କରିବାକୁ ବାରିବାହକୁ କାହିଁକି ଅନୁରୋଧ କରାଯାଇଛି ?

(ii) ଇତିହାସର ପ୍ରତିଲୋମରେ ଗତି କଲେ କ'ଣ ଜାଣିବାକୁ ମିଳିବ?

(iii) ଖଣ୍ଡିତ ଉତ୍କଳ ମୋହନିଦ୍ରାରେ ନିଦ୍ରିତ ଥିଲାବେଳେ କେଉଁମାନେ ଦକ୍ଷିଣା ପଥର ପ୍ରହରୀ ରୂପେ ଜାଗ୍ରତ ହୋଇ ରହିଥିଲେ ?

(iv) କେଉଁ ଦେଶମାନଙ୍କରେ ଗୁଣ ଅପେକ୍ଷା ପ୍ରୋପାଗାଣ୍ଡା ହିଁ ବିଶେଷ ଭାବରେ କାମ କରିଥାଏ ?

(v) ଦେଶରେ ଉନ୍ନୟନ କାର୍ଯ୍ୟ ଅନେକ ପଛରେ ପଡ଼ିଯିବାର କାରଣ କ'ଣ ?

(vi) ଆମ ଦେଶରେ ପ୍ରଚଳିତ ଶିକ୍ଷା ପଦ୍ଧତିରେ କ'ଣ ନିର୍ଣ୍ଣୟ କରିବା କଷ୍ଟକର ?

### 'ଖ' – ବିଭାଗ

(i) ଆଗକାଳର ଉତ୍କଳର ସ୍ୱାମୀଙ୍କର ସ୍ୱରୂପ କିପରି ଥିଲା ?

(ii) କ'ଣ ଖାଇ ମଧ ତିଳେ ଚେତିଲ ନାହିଁ ବୋଲି ବର୍ଣ୍ଣିତ ?

(iii) ଶିଶୁଦ୍ୱୟ କାହା ସହିତ ଯାଉଛନ୍ତି ବୋଲି କୁହାଯାଇଛି ?



https://www.odishaboard.com

(iv) ସତୀ ଲିଖିତ ପତ୍ରଟି କେଉଁଥିରେ ଧୌତ ହେଉଥିଲା ?

(v) କିପରି ନିଷ୍କେଷିତ ହେବାକୁ ମନୁଷ୍ୟ ପୁତ୍ରକୁ କୁହାଯାଇଛି ?

## 'ଗ' – ବିଭାଗ

(i) ପଟ୍ଟନାୟକଙ୍କୁ କାହିଁକି ବରଖାସ୍ତ କରାଗଲା ?

(ii) ମକ୍କାମଲିକର ପଦୋନ୍ନତିରେ ସେ କ'ଣ ହେଲା ?

(iii) ସନନ୍ଦଟିକୁ କେବେ କିଏ, ରାୟବାହାଦୁରଙ୍କୁ ଦେଇଥିଲେ ?

12 /

(iv) ପୁନର୍ବାର କାଠି ମଝିରେ ଦାନ୍ତ ବସାଇବା ପୂର୍ବରୁ କଚ୍ଛପଟି କ'ଣ କହିଥିଲା ?

(v) ବର୍ଷାଋତୁ ଆସିଲେ ସରୋବରକୁ ଆସୁଥିବା ହଂସଦ୍ୱୟଙ୍କ ନାମ କ'ଣ ଥିଲା ? https://www.odishaboard.com

୪। ଅନୁଚ୍ଛେଦଟି ପାଠକରି ତା' ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର, ଅନୁଚ୍ଛେଦ ଆଧାରରେ ଦିଅ :

ଅର୍ଥନୀତି ବ୍ୟତୀତ ସଂଘର୍ଷର ଅନ୍ୟ ଏକ କାରଣ ହେଉଛି ରାଜନୀତି । ପ୍ରତ୍ୟେକ ଦେଶରେ ରାଜନୀତି ଏତେ ହିଂସା ଓ ଦ୍ୱେଷ ସୃଷ୍ଟି କରୁଛି ଯେ, ଏଥିରୁ କିପରି ମୁକ୍ତି ମିଳିବ ତାହା କେହି ଠିକ୍ କରିପାରୁ ନାହାନ୍ତି । କାରଣ ପ୍ରତ୍ୟେକ ଦେଶରେ ରାଜନୀତିର ପ୍ରାଦୁର୍ଭାବ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ରାଜନୀତିଜ୍ଞମାନେ କେବଳ ଶାସନକୁ ନିୟନ୍ତ୍ରଣ କରୁନାହାନ୍ତି, ସେମାନେ ଅର୍ଥନୀତିକୁ ମଧ୍ୟ ନିୟନ୍ତ୍ରଣ କରୁଛନ୍ତି । ଯେଉଁମାନେ କ୍ଷମତାରେ ରହୁଛନ୍ତି ସେମାନଙ୍କୁ ଉପଭୋଗ କରିବାକୁ ଯେତିକି ସୁବିଧା



https://www.odishaboard.com

ମିଳୁଛି, ଯେଉଁମାନେ କ୍ଷମତାରେ ନାହାନ୍ତି ସେମାନଙ୍କର ହିଂସା ଓ ଦ୍ୱେଷ ସେତିକି ଅଧିକ ହେଉଛି । ବିଶେଷକରି ବିକାଶଶୀଳ ଦେଶମାନଙ୍କରେ ରାଜନୈତିକ ହିଂସା ବହୁ ପରିମାଣରେ ବୃଦ୍ଧି ପାଇଛି । ସେଥିପାଇଁ କେତେକ କହୁଛନ୍ତି ଯେ ଏକଛତ୍ର ଶାସନ ପ୍ରତିଷ୍ଠା କଲେ ବୋଧହୁଏ ଏ ହିଂସା ରହିବ ନାହିଁ । ରାଜନୈତିକ ଦ୍ୱନ୍ଦ୍ୱ ଆରମ୍ଭ ହେଉଛି ନିର୍ବାଚନରୁ । ତେଣୁ ନିର୍ବାଚନ ବନ୍ଦ କରିଦେଲେ ଏହି ଦ୍ୱନ୍ଦ୍ୱ କମିଯିବ । ଏହି ଯୁକ୍ତିରେ

କୌଣସି ଯଥାର୍ଥତା ନାହିଁ । କାରଣ ନିର୍ବାଚନ ସାହାଯ୍ୟରେ ଯଦି କ୍ଷମତା ମିଳୁ ନଥା'ନ୍ତା ତା'ହେଲେ ନିର୍ବାଚନ ଯୋଗୁଁ ଏତେ ହିଂସା ଓ ଦ୍ୱେଷ ସୃଷ୍ଟି ହୁଅନ୍ତା ନାହିଁ । ତେଣୁ ନିର୍ବାଚନକୁ ଦୋଷ ଦେଇ କିଛି ଲାଭ ନାହିଁ। ମୋଟ୍ କଥା, ରାଜନୀତି ଫଳରେ ଯେଉଁ କ୍ଷମତା ଓ ସୁବିଧା ମିଳୁଛି, ତାହା ଯଦି କୌଣସି ଉପାୟରେ ନିୟନ୍ତ୍ରିତ ହୋଇପାରନ୍ତା, ତା'ହେଲେ ବୋଧହୁଏ, ରାଜନୀତିରୁ ଏତେ ସଂଘର୍ଷ ସୃଷ୍ଟି ହୁଅନ୍ତା ନାହିଁ। ଯେଉଁସବୁ ଦେଶରେ ଏକଛତ୍ର ଶାସନ ଅଛି, ସେଠାରେ ମଧ୍ୟ ପ୍ରବଳ

ହିଂସା ଦେଖିବାକୁ ମିଳୁଛି । ହୁଏତ ଏସବୁ କଥା ଅନେକ ସମୟରେ ପ୍ରକାଶିତ ହେଉନାହିଁ । ଏସବୁ ବିଚାରରୁ ପ୍ରତିପନ୍ନ ହୁଏ ଯେ ଆର୍ଥନୀତିକ ସଂଘର୍ଷ ଠାରୁ ରାଜନୈତିକ ସଂଘର୍ଷ ଅଧିକ ବିପଜ୍ଜନକ । ମୋଟ୍ କଥା, ରାଜନୀତି ଫଳରେ ଯେଉଁ କ୍ଷମତା ଓ ସୁବିଧା ମିଳୁଛି, ତାହା ଯଦି କୌଣସି ଉପାୟରେ ନିୟନ୍ତ୍ରିତ ହୋଇପାରନ୍ତା, ତା'ହେଲେ ବୋଧହୁଏ, ରାଜନୀତିରୁ ଏତେ ସଂଘର୍ଷ ସୃଷ୍ଟି ହୁଅନ୍ତା ନାହିଁ । ଯେଉଁସବୁ ଦେଶରେ



https://www.odishaboard.com

ଏକଛତ୍ର ଶାସନ ଅଛି, ସେଠାରେ ମଧ ପ୍ରବଳ ହିଂସା ଦେଖିବାକୁ ମିଳୁଛି । ହୁଏତ ଏସବୁ କଥା ଅନେକ ସମୟରେ ପ୍ରକାଶିତ ହେଉନାହିଁ । ଏସବୁ ବିଚାରରୁ ପ୍ରତିପନ୍ନ ହୁଏ ଯେ ଆର୍ଥନୀତିକ ସଂଘର୍ଷ ଠାରୁ ରାଜନୈତିକ ସଂଘର୍ଷ ଅଧିକ ବିପଜ୍ଜନକ ।

**ପ୍ରଶ୍ନାବଳୀ :**

ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଅନୁଚ୍ଛେଦ ଆଧାରରେ ଦିଅ : ୨×୫=୧୦

(କ) କେଉଁଥିରୁ ମୁକ୍ତି ମିଳିବା ଚିନ୍ତାର କାରଣ ହୋଇଛି ?

(ଖ) ରାଜନୈତିକ ହିଂସାର ପ୍ରତିକାରର କାରଣ କାହିଁକି ଠିକ୍ ହୋଇପାରୁ ନାହିଁ ?

(ଗ) ରାଜନୈତିକ ହିଂସା ଘଟିବାର କାରଣ କ'ଣ ?

(ଘ) କେଉଁ ପ୍ରକାର ରାଷ୍ଟ୍ରରେ ରାଜନୈତିକ ହିଂସା ଅଧିକ ବୃଦ୍ଧି ପାଇବାରେ ଲାଗିଛି ?

(ଙ) ରାଜନୈତିକ ସଂଘର୍ଷ କମିପାରିବ କିପରି ?

୫। ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : ୫

(କ) ତୁମ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ କୋଭିଡ୍-୧୯ ଟିକାକରଣ କେନ୍ଦ୍ର ସକ୍ରିୟ କରିବାକୁ ସରପଞ୍ଚ ଭାବରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖକୁ ଦରଖାସ୍ତ ଲେଖ ।

(ଖ) ଗାଁର ପରିମଳ ବ୍ୟବସ୍ଥା ଉପରେ ଧ୍ୟାନ ଦେବାର ଆବଶ୍ୟକତା ଜଣାଇ ତୁମ କ୍ଲବର ସଂପାଦକଙ୍କ ପାଖକୁ ଏକ ପତ୍ର ଲେଖ ।



https://www.odishaboard.com

୬। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଟି ଲେଖାଏଁ ଶବ୍ଦରେ ଦିଅ : ୩×୫=୧୫

(କ) 'ତିନି ଦୃଷ୍ଟରେ' ପ୍ରବନ୍ଧର ମର୍ମକଥା ନିଜ ଭାଷାରେ ପ୍ରକାଶ କର ।

*ଅଥବା*

ଶିକ୍ଷାକୁ ଶୀର୍ଷ ସ୍ଥାନ ଦେବାପାଇଁ ପ୍ରାବଂଧିକଙ୍କର ଯୁକ୍ତି ଉପସ୍ଥାପନ କର ।

(ଖ) ମଣିଷ ଜୀବନ ଧର୍ମ କିପରି ହେବା ଉଚିତ, ପଠିତ କବିତା ଅବଲମ୍ବନରେ ଦର୍ଶାଅ ।

*ଅଥବା*

ବାର୍ତ୍ତା କବିତାରୁ କବିଙ୍କର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦିଅ ।

(ଗ) କେଉଁ ସବୁ କାଳ୍ପନିକ ଆକର୍ଷଣ କମ୍ବୁଗ୍ରୀବକୁ ନିଜ ପରିବେଶ ଠାରୁ ଦୂରକୁ ଯିବାକୁ ପ୍ରେରଣା ଦେଉଥିଲା—ଦର୍ଶାଅ ।

*ଅଥବା*

ଗୋପାଳ, ବଳରାମବାବୁଙ୍କର ବିଶ୍ୱସ୍ତ ହେବା ପଛରେ କାହାଣୀକୁ ନିଜ ଭାଷାରେ ଲେଖ ।

https://www.odishaboard.com
Whatsapp @ 9300930012
Send your old paper & get 10/-
अपने पुराने पेपर्स भेजे और 10 रुपये पायें,
Paytm or Google Pay से